# ଟ୍ୱିନ୍‌ସିଟିକୁ କରୋନା ରୋଗୀ ସ୍ଥାନାନ୍ତର ମନା

ଭୁବନେଶ୍ୱର,୧୪।୯/ଏନ୍‌ଏନ୍‌ଏସ୍:

କରୋନା ଲାଗି ରାଜ୍ୟ ସରକାର ଭର୍ଚୁଆଲ୍ ଆଇସିୟୁକୁ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟରେ ଖୁବ୍‌ଶୀଘ୍ର ଭର୍ଚୁଆଲ ଆଇସିୟୁ ସେବା ଆରମ୍ଭ ହେବ। ଏଣିକି ଦୁର୍ଗମ ଅଞ୍ଚଳରେ କରୋନା ରୋଗୀଙ୍କୁ ଆପ୍ ମାଧ୍ୟମରେ ବିଶେଷଜ୍ଞ ପରାମର୍ଶ ଦେବେ ବୋଲି ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲ୍ଲାପାଳ, ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ମ୍ୟୁନିସିପାଲ୍ କମିଶନରଙ୍କୁ ଚିଠି ଲେଖିଛନ୍ତି।

ମଙ୍ଗଳବାର ଦେଇଥିବା ଚିଠିରେ ଶ୍ରୀ ମହାପାତ୍ର ଉଲ୍ଲେଖ କରିଛନ୍ତି ଯେ ସାଧାରଣତଃ କୌଣସି ରୋଗୀ କୋଭିଡ୍ ସଂକ୍ରମଣରେ ଅଧିକ ସମ୍ବେଦନଶୀଳ ସ୍ଥିତିକୁ ଚାଲି ଆସିଲେ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ସଂପୃକ୍ତ ରୋଗୀଙ୍କୁ ଭୁବନେଶ୍ୱର ଓ କଟକ ଡାକ୍ତରଖାନାକୁ ରେଫର୍ କରୁଛନ୍ତି। ଆଗାମୀ ଦିନରେ ଏଭଳି ନକରି ଜିଲ୍ଲାରେ ଆଇସିୟୁ ସୁବିଧାକୁ ସୁଦୃଢ଼ କରି ଜିଲ୍ଲାର ସମସ୍ତ ରୋଗୀଙ୍କ ଚିକିତ୍ସା କରିବା ପାଇଁ ସେ କହିଛନ୍ତି। ଗୁରୁତର କୋଭିଡ୍ ରୋଗୀଙ୍କୁ ଜିଲ୍ଲାସ୍ତରୀୟ ହସ୍ପିଟାଲ୍‌ରେ ଚିକିତ୍ସା କରିବାକୁ ପରାମର୍ଶ ଦେଇଛନ୍ତି। ଅତ୍ୟାବଶ୍ୟକ ନହେଲେ କୋଭିଡ୍ ରୋଗୀଙ୍କୁ ଭୁବନେଶ୍ୱର କିମ୍ବା କଟକ ପଠାନଯାଉ। ରାଜ୍ୟ ସରକାର କୋଭିଡ ଚିକିତ୍ସାକୁ ଆହୁରି ସୁଦୃଢ଼ କରିବା ପାଇଁ ଚିନ୍ତା କରିଛନ୍ତି। ଗୁରୁତର କୋଭିଡ୍ ରୋଗୀଙ୍କୁ ଜିଲ୍ଲାରେ ଥିବା ଆଇସିୟୁ ଅଥବା ଏଚ୍‌ଡିୟୁରେ ଚିକିତ୍ସା କରାଯାଇପାରିବ। ଏଥିଲାଗି ତୃଣମୂଳସ୍ତରରେ ତାଲିମ ବ୍ୟବସ୍ଥାକୁ ମଜଭୁତ କରିବାକୁ ପଡ଼ିବ।

▶▶ ୭